## ମୟୂରଭଞ୍ଜ

### ସଂକ୍ଷେପରେ

#### ଆଜି ଜେଏମ୍ଏମ୍‌ର ୧୨ ଘଣ୍ଟିଆ ପ୍ରତିବାଦ

ବାରିପଦା,୧।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଗିରଫ ପ୍ରତିବାଦରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା(ଜେଏମ୍ଏମ୍) ପକ୍ଷରୁ ଶୁକ୍ରବାର ମୟୂରଭଞ୍ଜ ଜିଲାରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରାଯିବ ବୋଲି ଜେଏମ୍ଏମ୍‌ର ପୂର୍ବ ଜିଲା ସଭାପତି ବାବୁଲୁ ମୁର୍ମୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ରାଜନୈତିକ ଆକ୍ରୋଶ ରଖି ମିଥ୍ୟା ଅଭିଯୋଗ ଆଣି ଜମି ଦୁର୍ନୀତି କଥା କହି ତାଙ୍କୁ ଗିରଫ କରାଯାଇଛି। ଏହାକୁ ଝାଡ଼ଖଣ୍ଡ ଅଞ୍ଚଳର ଜନସାଧାରଣ ତୀବ୍ର ବିରୋଧ କରି ୧ତାରିଖରେ ଝାଡ଼ଖଣ୍ଡ ବନ୍ଦ ପାଳନ କରିଥିଲେ। ଭାଜପାର ଏଭଳି କାର୍ଯ୍ୟକୁ ଓଡ଼ିଶାରେ ଜେଏମ୍ଏମ୍ କର୍ମୀମାନେ ତୀବ୍ର ବିରୋଧ କରି ଶୁକ୍ରବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବେ ବୋଲି ସୂଚନା ଦେଇଛନ୍ତି।

#### ଆଜି ଜାତୀୟ ରାଜପଥ ଅବରୋଧ କରିବ ଭଞ୍ଜସେନା

ବାରିପଦା,୧।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷିସ୍ଥିତ ଦ୍ୱାରଶୁଣୀ ଘାଟି ରାସ୍ତା ପ୍ରଶସ୍ତୀକରଣ ପାଇଁ ବାରମ୍ବାର ଦାବି ସତ୍ତ୍ୱେ କାର୍ଯ୍ୟ ନ ହେବାରୁ ଦୁର୍ଘଟଣା ବଢ଼ି ଚାଲିଛି। ଏହାର ପ୍ରତିବାଦରେ ଜିଲାର ଅଣ ରାଜନୈତିକ ସଂଗଠନ ଭଞ୍ଜସେନା ପକ୍ଷରୁ ଶୁକ୍ରବାର ଜାତୀୟ ରାଜପଥ ଅବରୋଧ ପାଇଁ ଚେତାବନୀ ଦିଆଯାଇଥିଲା। ଗୁରୁବାର ଜିଲାପାଳ ଆଶିଷ ଠାକ୍‌ରେଙ୍କ ସହିତ ଭଞ୍ଜସେନାର ଏକ ପ୍ରତିନିଧି ଦଳ ଆଲୋଚନା କରିଥିଲେ ମଧ୍ୟ ସମାଧାନ ପନ୍ଥା ବାହାରି ପାରିନାହିଁ। ତେଣୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘାଟି ରାସ୍ତା ବନ୍ଦ କରିବାକୁ ଭଞ୍ଜସେନା ନିଷ୍ପତ୍ତି ନେଇଛି। ଜିଲାପାଳଙ୍କ ସହିତ ଆଲୋଚନା ବେଳେ ଭଞ୍ଜସେନାର ଅଧ୍ୟକ୍ଷ ସଞ୍ଜୀବ ରାଉତ, ସଭାପତି ପିଣ୍ଟୁ ମାଇତି, ରାକେଶ ବେହେରା, ବାଜୁନ ହାଁସଦା,ଏସ.କେ. ରାଜାଖାନ ପ୍ରମୁଖ ଉପସ୍ଥିତ ଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଆଲୋଚନା ଜାରି ରହିଥିଲା।

# ୩୨ ରେଞ୍ଜରେ ୨୬,୨୪୨ ବିଦେଶୀ ପକ୍ଷୀ

**ପ୍ରକାଶ ପାଇଲା ମୟୂରଭଞ୍ଜ ଜିଲା ପକ୍ଷୀ ଗଣନା ରିପୋର୍ଟ**

ବାରିପଦା,୧।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ପକ୍ଷୀ ଗଣନା କାର୍ଯ୍ୟରେ ନିୟୋଜିତ ବନ କର୍ମଚାରୀ।

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ସମସ୍ତ ବନଖଣ୍ଡ ଅଞ୍ଚଳରେ ପକ୍ଷୀ ଗଣନା ରିପୋର୍ଟ ପ୍ରକାଶ ପାଇଛି। ଚଳିତ ବର୍ଷ ୫ଟି ଡିଭିଜନର ୩୨ଟି ରେଞ୍ଜରେ ମୋଟ ୨୬ହଜାର ୨୪୨ଟି ବିଦେଶୀ ପକ୍ଷୀ ଆସିଥିବା ଜଣାପଡ଼ିଛି। ପ୍ରତିବର୍ଷ ଶୀତ ଋତୁରେ ଏହି ଗଣନା କାର୍ଯ୍ୟ କରାଯାଇଥାଏ। ଜିଲାରେ ଥିବା ଶିମିଳିପାଳ ଅଭୟାରଣ୍ୟର ଉତ୍ତର ଓ ଦକ୍ଷିଣ ଡିଭିଜନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ, ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ଡିଭିଜନ ଅଧୀନରେ ଥିବା ବିଭିନ୍ନ ଜଳଭଣ୍ଡାର, ଆଦ୍ରଭୂମି ସହ ପାଖାପାଖି ଶହେରୁ ଊର୍ଦ୍ଧ୍ୱ ସ୍ଥାନରେ ଏହି ପକ୍ଷୀ ଗଣନା କରାଯାଇଛି।

ଚଳିତ ବର୍ଷ ବାରିପଦା ବନଖଣ୍ଡ ଅଞ୍ଚଳରେ ଥିବା ୭ଟି ରେଞ୍ଜରେ ୧୩ ହଜାର ୩୪୨, ଉତ୍ତର ଡିଭିଜନର ୮ଟି ରେଞ୍ଜରେ ୨୪୭, ଦକ୍ଷିଣ ଡିଭିଜନର ୯ଟି ରେଞ୍ଜରେ ୪୦୭, ରାଇରଙ୍ଗପୁର ଡିଭିଜନର ୪ଟି ରେଞ୍ଜରେ ୭ ହଜାର ୨୭୩ ଓ କରଞ୍ଜିଆ ଡିଭିଜନର ୪ଟି ରେଞ୍ଜରେ ୪ ହଜାର ୯୭୩ଟି ପକ୍ଷୀ ଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ବନବିଭାଗର ସ୍ୱତନ୍ତ୍ର ତାଲିମପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯାଇଛି । ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ପକ୍ଷୀଙ୍କ ସଂଖ୍ୟା, ପ୍ରଜାତି ଓ ଗତିବିଧିକୁ ଦୃଷ୍ଟିରେ ରଖି ଏହି ଗଣନା କାର୍ଯ୍ୟ କରାଯାଇଛି । ବନବିଭାଗର ରେଞ୍ଜର, ଫରେଷ୍ଟର ଓ ପକ୍ଷୀ ଗବେଷକମାନେ ଏଥିରେ ସାମିଲ ହୋଇ ଗଣନା କାର୍ଯ୍ୟ କରିଛନ୍ତି । ବାଇନକୁଲାର ଓ ଜିପିଏସ କ୍ୟାମେରା ସାହାଯ୍ୟରେ ବନବିଭାଗର କର୍ମଚାରୀମାନେ ପକ୍ଷୀଙ୍କ ଗଣନା କରିଛନ୍ତି। ପୂର୍ବ ବର୍ଷ ଅପେକ୍ଷା ଅଧିକ ବିଦେଶୀ ପକ୍ଷୀ ଆସିଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ ସଂରକ୍ଷକ ଡା. ପ୍ରକାଶ ଚାନ୍ଦ ଗୋଗିନେନି ପ୍ରକାଶ କରିଛନ୍ତି ।

## ଶିମିଳିପାଳରୁ ୫ ଶିକାରୀ ଗିରଫ

ବାରିପଦା,୧।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଶିକାର ନିମନ୍ତେ ପ୍ରବେଶ କରିଥିବା ୫ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି। ସେମାନଙ୍କଠାରୁ ଜାଲ, ୨ଟି ଧନୁ, ୨୩ଟି ତୀର, ଗୋଟିଏ କୁରାଢ଼ି, ୨ଟି ହୁକ, ଛୁରି ଓ ଅନ୍ୟାନ୍ୟ ସରଞ୍ଜାମ ଜବତ ହୋଇଛି। ଗିରଫ ଶିକାରୀମାନେ ହେଲେ କରଞ୍ଜିଆ ଥାନା ଅନ୍ତର୍ଗତ କେନ୍ଦୁମୁଣ୍ଡି ଗ୍ରାମର ସାଲଖାନ ହେମ୍ବ୍ରମ(୨୦), ଲାଲ ମୋହନ ହାଁସଦା(୩୨), ବଳରାମ ସୋରେନ(୪୪), ମଧୁସୂଦନ ମୁର୍ମୁ(୩୨) ଓ ବୀରସିଂ ହେମ୍ବ୍ରମ(୨୫)। ଶିମିଳିପାଳ ଅଭୟାରଣ୍ୟର କୋର ଏରିଆ(ଟିଏଲ-୩)କୁ ଶିକାର ନିମନ୍ତେ ଏହି ଶିକାରୀମାନେ ପ୍ରବେଶ କରିଥିଲେ। ଖବର ପାଇ ଏସ୍‌ଟିପିଏଫ୍, ଜେଟିଏଫ୍, ବନ କର୍ମଚାରୀ ଓ ସ୍ଥାନୀୟ ପୋଲିସ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲେ।

## ସାତପୁଟୁଳି ଠାକୁରାଣୀଙ୍କ ପାହାଡ଼ି ପୂଜା



ବାଙ୍ଗିରିପୋଷି,୧।୨(ସଞ୍ଜୟ କୁମାର ଅଗ୍ରୱାଲା)

ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ମା’ ସାତପୁଟୁଳି ଠାକୁରାଣୀଙ୍କ ପାହଡ଼ି ପୂଜା ଅନୁଷ୍ଠିତ ହୋଇଯାଇଛି। ଭୂଆଶୁଣୀ,ବୁଢ଼ିଖମାରୀ ଓ ବଡଗାଁ ପଞ୍ଚାୟତ ମଝିରେ ଥିବା ସୁଉଚ୍ଚ ପାହାଡ଼ରେ ପୁରାତନ କାଳରୁ ପୂଜା ପାଇ ଆସୁଥିବା ମା’ ସାତପୁଟୁଳିଙ୍କ ପୀଠରେ ଭୋଗ ଲାଗିବା ସହ ପଶୁ,ପକ୍ଷୀ ବଳି ଦେବା ପରମ୍ପରା ରହିଛି। ଓଡ଼ିଶା ସମେତ ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସମବେତ ହୋଇଥିଲେ। ସକାଳୁ ପୂଜା ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା।

## ବେତନଟୀ ଏମ୍‌ପିସି ହାଇସ୍କୁଲର ବାର୍ଷିକୋତ୍ସବ




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ।

ବେତନଟୀ,୧।୨(ଧରଣୀଧର ମହାନ୍ତି)

ବେତନଟୀ ଏମ୍‌ପିସି ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅର୍ଜୁନ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଦୀପ୍ତି ନାଏକ, ମୁଖ୍ୟ ବକ୍ତା ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ, ୩୫ ନଂ. ଜୋନ ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ବେତନଟୀ ସମିତି ସଭ୍ୟ ରଣଜିତ ସିଂ, ବେତନଟୀ ସରପଞ୍ଚ ପାନମଣୀ ମୁର୍ମୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ କୁମାର ପରିଡ଼ା, ଆଲୁମିନି କମିଟିର ଉପ ସଭାପତି ଜୟନ୍ତ କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ରହି ଛାତ୍ରୀଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ପ୍ରକାଶ କୁମାର ଗିରି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ନିରୋଜ କୁମାର ମହାନ୍ତ, ସୁବୋଧ କୁମାର ସାହୁ, ଅଜୟ କୁମାର ବାରିକ, ଇତିଶ୍ରୀ ମନ୍ତ୍ରୀ, ଶୋଭାମୟୀ ସ୍ୱାଇଁ, ମନସ୍ୱିନୀ ପଟ୍ଟନାୟକ, କାପୁରା ସୋରେନ, ଗାୟତ୍ରୀ ରାଉତ, ଯାଜ୍ଞସିନୀ ବେହେରା, ଅଞ୍ଜଳି ମହାନ୍ତି, ଖଗେନ୍ଦ୍ର ଚନ୍ଦ୍ର ମହାନ୍ତ, ହେମନ୍ତ ମହାନ୍ତ, ସୌରଭ ନନ୍ଦ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

## ୫ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ମୋରଡ଼ା,୧।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ୫ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କୃତ ଶିକ୍ଷକମାନେ ହେଲେ ଚିତ୍ରଡ଼ା ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅରୁଣ କୁମାର ବେହେରା, ଦାନ୍ତିଆମୁହାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ନିତୁ ବାଲା, ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ତନୁଜା ମିଶ୍ର ଏବଂ କାଦୁଆଣୀ ସରକାରୀ ଉଚ୍ଚ ବିଦ୍ୟାଳୟର ବିଶ୍ୱେଶ୍ୱର ନାଏକ। ଉକ୍ତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କର କାର୍ଯ୍ୟ ଦକ୍ଷତା, କର୍ତ୍ତବ୍ୟ ନିଷ୍ଠା ତଥା ବିଭିନ୍ନ ବିଭାଗର ଶ୍ରେଷ୍ଠତା ଭିତ୍ତିରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ମାନପତ୍ର ଗ୍ରହଣ କରିଥିଲେ। ଏଥିପାଇଁ ମୋରଡ଼ା ବିଇଓ ମନମୋହନ ହେମ୍ବ୍ରମ, ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ତଥା ଛାତ୍ରୀଛାତ୍ରମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ମଛପଦାରେ ହେବ ପାସେଞ୍ଜର ହଲ୍ଟ

ବୈଶିଙ୍ଗା,୧।୨(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ରୂପ୍‌ସା-ବାଙ୍ଗିରିପୋଷି ରେଳ ରୁଟ୍‌ର ମଛପଦାଠାରେ ଏକ ପାସେଞ୍ଜର ହଲ୍ଟ ନିର୍ମାଣ ପାଇଁ ରେଲୱେ ସବୁଜ ସଙ୍କେତ ଦେଇଛି। ୫ ବର୍ଷ ହେଲା ଏନେଇ ସ୍ଥାନୀୟ ଲୋକେ ଦାବି କରି ଆସୁଥିଲେ। ଯୁଗପୁରା ଓ ଠାକୁରତୋଟା ରେଳ ଷ୍ଟେଶନ ମଧ୍ୟରେ ଥିବା ମଛପଦାଠାରେ ପାସେଞ୍ଜର ହଲ୍ଟ ନିର୍ମାଣ ନେଇ ପତ୍ର ନଂ. ୨୦୨୨/ ଟିଜିଆଇଭି/ ଏସଇ ଆର୍ ଦ୍ୱାରା ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନର ଡିଆର୍‌ଏମ୍‌ଙ୍କୁ ଅବଗତ କରାଯାଇଛି। ତେବେ ଏଠାରେ ପାସେଞ୍ଜର ହଲ୍ଟ ସ୍ଥାପନ ହେଲେ ଦୈନନ୍ଦିନ ରେଳ ଯୋଗାଯୋଗ ଉପରେ ନିର୍ଭରଶୀଳ ବେତନଟୀ ବ୍ଲକ ଅନ୍ତର୍ଗତ ମେରଦା, ସଇତପୁର, ଅଁଳା, ସନ୍ତରା, ଆମ୍ବଗଡ଼ିଆ, ରଘୁପୁର ପ୍ରଭୃତି ପଞ୍ଚାୟତର ପ୍ରାୟ ୩୦ ହଜାର ଲୋକ ଉପକୃତ ହୋଇପାରିବେ ବୋଲି ରେଲୱେ ପକ୍ଷରୁ ସୂଚନା ମିଳିଛି।

## କେନ୍ଦୁଝର

### ମାଧପୁର ଫାର୍ମ ପୋଖରୀରୁ ଗଳିତ ମୃତଦେହ ଜବତ

କେନ୍ଦୁଝର,୧।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନଥାନା ଅନ୍ତର୍ଗତ ମାଧପୁର କୃଷି ବିଭାଗର ପୋଖରୀରୁ ଗୁରୁବାର ଏକ ଗଳିତ ମୃତଦେହ ଜବତ ହୋଇଛି। ମୃତକ ଜଣଙ୍କ ହେଲେ ୧ ନମ୍ବର ୱାର୍ଡ ଅନ୍ତର୍ଗତ ନୂଆସାହିର ରମୀ ନାଏକ(୫୦)। ସେ ଗତ ୫ ଦିନ ହେବ ନିଖୋଜ ଥିଲେ। ଗୁରୁବାର ମୃତଦେହ ପୋଖରୀରେ ଭାସୁଥିବାର ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ଟାଉନ ଥାନା ପୋଲିସ ଏବଂ ଅଗ୍ନିଶମ ବିଭାଗ ପହଞ୍ଚି ପୋଖରୀରୁ ମୃତଦେହ ବାହାର କରିଥିଲା। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୧୧/୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମାଧପୁର ଫାର୍ମ ପୋଖରୀ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି। ପୋଖରୀ ପାଖ ରାସ୍ତାରେ ସନ୍ଧ୍ୟା ପରେ ଲୋକମାନେ ଯିବାକୁ ନିରାପଦ ମଣୁନାହାନ୍ତି। ପୋଲିସ ଏ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

### ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ପରମେଶ୍ୱର

ଚମ୍ପୁଆ,୧।୨(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ରଜିଆ ପଞ୍ଚାୟତର ଅସନବାହାଳି ସିଆର୍‌ସିସି ପରମେଶ୍ୱର ମହାନ୍ତଙ୍କୁ କାର୍ଯ୍ୟଦକ୍ଷତା ଏବଂ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଛି। ବୁଧବାର ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ଉତ୍ସବରେ ପରମେଶ୍ୱରଙ୍କୁ ସିଆରସିସିସ୍ତରରେ ସମ୍ମାନିତ କରାଯାଇ ମାନପତ୍ର ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରାଯାଇଛି। ତାଙ୍କର ଏହି ସଫଳତା ଚମ୍ପୁଆ ବ୍ଲକ୍ ପାଇଁ ଗର୍ବ ଓ ଗୌରବ ଆଣି ଦେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

### ନବଜାତକ ମୃତଦେହ ଜବତ

ବଡ଼ବିଲ,୧।୨(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଲାଣିସ୍ଥିତ ଡବ୍ଲ୍ୟୁହଟିଂ ନିକଟରୁ ଗୁରୁବାର ଏକ ନବଜାତ ଶିଶୁ କନ୍ୟାର ମୃତଦେହ ଜବତ ହୋଇଛି। ଏ ନେଇ ବଲାଣି ଥାନାରେ ଏକ ମାମଲା(ନଂ.୨/୨୦୨୪)ରୁଜୁ ହୋଇଥିବା ଜଣାପଡ଼ିଛି।

# ଗୋଟିଏ କକ୍ଷ, ଜଣେ ଶିକ୍ଷକରେ ଶିକ୍ଷାଦାନ

**ନମ୍ପିରା ସରକାରୀ ପ୍ରାଥମିକ ବିଦ୍ୟାଳୟ**

ଯୋଡ଼ା,୧।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ପଳଶା ପଞ୍ଚାୟତର ନମ୍ପିରା ସରକାରୀ ପ୍ରାଥମିକ ବିଦ୍ୟାଳୟ ବିଭିନ୍ନ ସମସ୍ୟା ଘେରରେ ରହିଛି। ଜଣେ ଶିକ୍ଷକରେ ପାଠପଢ଼ା ଚାଲିଥିବା ବେଳେ ଗୋଟିଏ ଶ୍ରେଣୀ କକ୍ଷରେ ଶିକ୍ଷାଦାନ ସହ ଅଫିସ କାର୍ଯ୍ୟ ଚାଲୁଛି। ଫଳରେ ଛାତ୍ରୀଛାତ୍ରଙ୍କ ପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି। ଶିକ୍ଷାର ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିବା ସହିତ ସ୍କୁଲ ଭିତ୍ତିଭୂମି ନିର୍ମାଣ କରିବା ପାଇଁ ବହୁ ଅର୍ଥ ମଞ୍ଜୁର କରୁଛନ୍ତି। ମାତ୍ର ଏହି ବିଦ୍ୟାଳୟର ଉନ୍ନତି ପାଇଁ କୌଣସି ଅର୍ଥ ମଞ୍ଜୁର ହୋଇ ନ ଥିବାରୁ ଗ୍ରାମବାସୀ ତଥା ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ୧୯୭୨ ମସିହାରେ ସ୍ଥାପିତ ଏହି ପୁରାତନ ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୪୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କିଛି ଦିନ ପୂର୍ବେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ମୃତ୍ୟୁ ଘଟିଥିଲା। ପରେ ଜଣେ ମାତ୍ର ସରକାରୀ ଶିକ୍ଷକରେ ପାଠପଢ଼ା ଚାଲିଛି। ଏଥିସହ ଶ୍ରେଣୀ ଗୃହ ଅଭାବରୁ ଭଙ୍ଗା ଗୃହରେ ବିପଦପୂର୍ଣ୍ଣ ଅବସ୍ଥାରେ ସମସ୍ତ ଛାତ୍ରୀଛାତ୍ର ଗୋଟିଏ ଶ୍ରେଣୀରେ ପାଠ ପଢୁଛନ୍ତି। ଉକ୍ତ ଗୃହରେ ମଧ୍ୟ ଅଫିସ୍ କାର୍ଯ୍ୟ ହେଉଥିବା ଜଣାପଡ଼ିଛି। ଏକ ଭଙ୍ଗା ଅସ୍ଥାୟୀ ଗୃହରେ ଅସୁରକ୍ଷିତ ଅବସ୍ଥାରେ ମଧ୍ୟାହ୍ନ ଭୋଜନ ରୋଷେଇ ହେଉଛି। ଏ ନେଇ ସ୍ଥାନୀୟ ଅଭିଭାବକମାନେ ସମସ୍ୟା ପ୍ରତି ଦୃଷ୍ଟି ଦେବା ପାଇଁ ପ୍ରଶାସନ ନିକଟରେ ଦାବି କରିଥିଲେ ହେଁ କୌଣସି ସୁଫଳ ମିଳି ନାହିଁ। ଅପରପକ୍ଷରେ ନିକଟରେ ବହୁ ଖଣି ରହିଥିଲେ ହେଁ ବିଦ୍ୟାଳୟ ପ୍ରତି କାହାରି ନଜର ପଡୁନାହିଁ। ସ୍ଥାନୀୟ ଖଣି କମ୍ପାନୀଗୁଡ଼ିକ ଶିକ୍ଷାର ଉନ୍ନତି କରୁଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ଖଣି ସଂଲଗ୍ନ ଏହି ବିଦ୍ୟାଳୟର ଉନ୍ନତି ଦିଗରେ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରୁ ନ ଥିବା ଗ୍ରାମବାସୀ କହିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଯୋଡ଼ା ବ୍ଲକ ଶିକ୍ଷା ଅଧିକାରୀ ମୋହନ ହାଁସଦା କହିଛନ୍ତି, ଖୁବ୍‌ଶୀଘ୍ର ସେଠାରେ ପ୍ରଧାନଶିକ୍ଷକ ପଦବୀ ପୂରଣ ହେବ। ସେ ଜଣେ ଶିକ୍ଷକଙ୍କୁ ସେଠାକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବିଦ୍ୟାଳୟରେ ଯେଉଁ ସମସ୍ୟା ରହିଛି, ତାହାର ସମାଧାନ ପାଇଁ ସେ ପଞ୍ଚାୟତ ସମିତିଙ୍କୁ ଲିଖିତ ଭାବେ ଜଣାଇଥିବା କହିଛନ୍ତି। ପଞ୍ଚାୟତ ସମିତି ଅର୍ଥ ମଞ୍ଜୁର କଲେ ମରାମତି ଓ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ସେ କହିଥିଲେ।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ସଭା



ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ସମ୍ବର୍ଦ୍ଧିତ ହେଲେ କ୍ରୀଡ଼ାବିତ୍, ସଫଳ ଚାଷୀ, ସ୍ୱାଧୀନତା ସଂଗ୍ରାମୀ**

ପାଟଣା,୧।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ବଡ଼ ପାଟଣା ପଞ୍ଚାୟତ ତରଫରୁ ଗୁରୁବାର ଷ୍ଟାଡ଼ିୟମ ପଡ଼ିଆରେ ଆମ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଟଣା ବ୍ଲକ୍ ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶକୁ ନେଇ ଏଲ୍‌ଇଡି ମାଧ୍ୟମରେ ମୋ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଧର୍ମସ୍ଥଳୀର ବିକାଶ, ୫-ଟି ବିଦ୍ୟାଳୟ ରୂପାନ୍ତରୀକରଣ, ମହିଳା ସଶକ୍ତି କରଣ ଓ ଭିତ୍ତିଭୂମୀର ବିକାଶ, ଜଳାଶୟ, ସେତୁ, ଭିମକୁଣ୍ଡ ପର୍ଯ୍ୟଟନ କେନ୍ଦ୍ର, ବ୍ୟାଙ୍କଭିତ୍ତିଭୂମିର ବିକାଶ ଆଦିର ଭିଡିଓ ପ୍ରଦର୍ଶିତ ହୋଇଥିଲା। ଏରେଣ୍ଡେଇ ପଞ୍ଚାୟତ ଜିଆରଆର୍‌ଏସ୍ ତ୍ରିନାଥ ମହାନ୍ତଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ୨୩ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ରୁନୁ ମହନ୍ତ, ସମ୍ମାନିତ ଅତିଥିଭାବେ ପାଟଣା ବିଡିଓ ଶିବ ଶଙ୍କର ମୁର୍ମୁ, ବଡ ପାଟଣା ସରପଞ୍ଚ ବିନତୀ ବାନରା, ସମିତି ସଭ୍ୟ ମୋହନ ସୁନ୍ଦର ମହାନ୍ତ, ମୂଷାଖୋରି ସରପଞ୍ଚ ଭାମାମଣି ଦାସ, ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ, ମୀରିଖୋଜି ସରପଞ୍ଚ ମନମୋହନ ବେହେରା, ଏପିଓ ଦୀପକ ବେହେରା, ବଡ଼ପାଟଣା ପିଇଓ ସୁଧାଂଶୁ ଶେଖର ପାଇକରାୟ, ଜିଆରଏସ୍ କୃଷ୍ଣଚନ୍ଦ୍ର ତ୍ରିପାଠୀ, ବିଆର୍‌ସି ଜମାଲ ଉଦୀନଖାନ ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ ପାଟଣା ଅଞ୍ଚଳର ଗାନ୍ଧୀବାଦୀ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ କାହ୍ନୁଚରଣ ଦାଶଙ୍କ ସ୍ତ୍ରୀ ପାର୍ବତୀ ଦାଶ ଓ ଅଞ୍ଚଳର ସଫଳ ଚାଷୀ, ନୃତ୍ୟ, କ୍ରୀଡ଼ାରେ ସଫଳ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ପ୍ରଧାନମନ୍ତ୍ରୀ ଆବାସର ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

### ଭାଉଜଙ୍କୁ ବଳାତ୍କାର ଅଭିଯୋଗରେ ଦିଅର ଗିରଫ

ଢେଙ୍କିକୋଟ,୧।୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧୀନ ମନହୋରପୁର ପଞ୍ଚାୟତ ସୀତାବିଞ୍ଜି ଗ୍ରାମରେ ଭାଉଜଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତ ଦିଅରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗ୍ରାମର ରମେଶ ମୁଣ୍ଡା। ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ଘଟଗାଁ ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ର କହିଛନ୍ତି।

ସୂଚନା ଅନୁଯାୟୀ, ସୀତାବିଞ୍ଜ୍ ମୁଣ୍ଡା ସାହିର ୩ ସନ୍ତାନର ଜନନୀ ଜାନୁଆରୀ ୨୯ ତାରିଖ ରାତିରେ ପଡ଼ୋଶୀ ଘରକୁ ପିଲାମାନଙ୍କ ସହ ଟିଭି ଦେଖିବାକୁ ଯାଇଥିଲେ। ସମ୍ପର୍କୀୟ ଦିଅର ରମେଶ ଭାଉଜଙ୍କୁ ଏକ କାମ ଅଛି କହି ଡାକିଥିଲେ। ଘରକୁ ଯିବା ବାଟରେ ଅନ୍ଧାରର ସୁଯୋଗ ନେଇ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାରିକୁ ନ କହିବାକୁ କହିଥିଲା। ମହିଳା ଘଟଣା ସମ୍ପର୍କରେ ନିଜ ଦିଅରଙ୍କୁ ଜଣାଇଥିଲେ। ପରେ ପରିବାର ଲୋକେ ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଘଟଗାଁ ପୋଲିସ ଏକ ମାମଲା(ନଂ. ୮୪/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସବ୍‌ଇନ୍ସପେକ୍ଟର ଗାଙ୍ଗିଆ ଲାକ୍ରା ମାମଲାର ତଦନ୍ତ କରୁଛନ୍ତି।

## ତାମିଲନାଡୁରୁ ଅପହୃତା ନାବାଳିକା କେନ୍ଦୁଝରରୁ ଉଦ୍ଧାର

କେନ୍ଦୁଝର,୧।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

ତାମିଲନାଡୁରୁ ଅପହରଣ ହୋଇଥିବା ଜଣେ ୧୪ ବର୍ଷୀୟା ନାବାଳିକା କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ଟୁକୁଣା ଗ୍ରାମରୁ ଉଦ୍ଧାର ହୋଇଛନ୍ତି। ନାବାଳିକାଙ୍କୁ ଜିଲା ମଙ୍ଗଳ ସମିତିରେ ହାଜର କରାଯାଇଛି। ସେ ଝାଡ଼ଖଣ୍ଡ ରାଜ୍ୟର ହୋଇଥିବା ବେଳେ ତାମିଲନାଡୁ ପୋଲପୋଲ ଥାନା ଅଞ୍ଚଳରେ ପରିବାର ସହ ରହି ସ୍ଥାନୀୟ ଏକ ସଂସ୍ଥାରେ କାମ କରୁଥିଲେ। ଡିସେମ୍ବର ୯ ତାରିଖରେ ତାଙ୍କୁ କାମ ଯୋଗାଇଥିବା ମହିଳାଙ୍କ ସହିତ ବଜାରକୁ ବୁଲିବାକୁ ଯାଉଥିବା ନେଇ ମା’ଙ୍କୁ କହିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକ ଉକ୍ତ ମହିଳାଙ୍କୁ ପଚାରିଥିଲେ। ତେବେ ବଜାର ବୁଲିବା ସମୟରେ ନାବାଳିକା ନିଖୋଜ ହୋଇଯାଇଥିବାରୁ ସେ ଫେରିଆସିଥିବା କହିଥିଲେ। ତେବେ ବଜାରରୁ ୪ ଜଣ ଯୁବକ ଅପରହଣ କରିଥିବା ନେଇ ନାବାଳିକା ଫୋନ୍ ଯୋଗେ ତାଙ୍କ ମା’ଙ୍କୁ ସୂଚନା ଦେଇଥିଲେ। ଚେନ୍ନାଇରୁ ଜଣେ ପିଲା ଅନ୍ୟମାନଙ୍କୁ ଟଙ୍କା ଦେଇ ତାଙ୍କୁ ଓଡ଼ିଶାକୁ ଆଣିଥିବା କହିଥିଲେ। ପରିବାର ଲୋକେ ନାବାଳିକା କାମ କରୁଥିବା ସଂସ୍ଥାକୁ ଯାଇ ମୋବାଇଲ ନମ୍ବର ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଅପହରଣ କରିଥିବା ଯୁବକ ସେଠାରେ କାମ କରୁଥିବା ଜଣାପଡ଼ିଥିଲା। ସେଠାରୁ ଯୁବକଙ୍କ ଓଡ଼ିଶାରେ ଥିବା ଘର ଠିକଣା ମିଳିଥିଲା। ଅପରପକ୍ଷେ ଡିସେମ୍ବର ୧୨ତାରିଖରେ ଅପହରଣ କରିଥିବା ଯୁବକ ପିଣ୍ଟୁ ଦାସ ନାବାଳିକାଙ୍କ ମା’ଙ୍କୁ ଫୋନ କରି ୧୦ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ପରିବାର ଲୋକେ ସ୍ଥାନୀୟ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଭିତ୍ତି କରି ସ୍ଥାନୀୟ ଥାନାର ସୂଚନା ଅନୁଯାୟୀ ଝାଡ଼ଖଣ୍ଡ ରାଜ୍ୟର ପଲାମୁ ଜିଲା ବାଲ ସଂରକ୍ଷଣ ଅଧିକାରୀ କେନ୍ଦୁଝର ଜିଲା ମଙ୍ଗଳ ସମିତିକୁ ଜଣାଇଥିଲେ। କେନ୍ଦୁଝର ଜିଲା ମଙ୍ଗଳ ସମିତି ପକ୍ଷରୁ ପୋଲିସ ସହାୟତାରେ ନାବାଳିକାଙ୍କୁ ବୁଧବାର ଉଦ୍ଧାର କରାଯାଇଥିଲା। ପୋଲିସ ଅଧିକାରୀ ମାନସ ରଞ୍ଜନ ବେହେରା କହିଛନ୍ତି, ମହିଳା ପୋଲିସ ସହାୟତାରେ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ସେ ସମୟରେ ଅଭିଯୁକ୍ତ ଅନୁପସ୍ଥିତ ଥିଲେ। ନାବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଶେଲ୍‌ଟରରେ ରଖାଯାଇଛି। ପରିବାର ଲୋକ ଆସିଲେ ତାଙ୍କୁ ହସ୍ତାନ୍ତର କରାଯିବ।

## ରାଜମିସ୍ତ୍ରି ପ୍ରଶିକ୍ଷଣ କର୍ମଶାଳା




ଢେଙ୍କିକୋଟ,୧।୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ୍ ମା’ ତାରିଣୀ ଟ୍ରେଡ଼ର୍ସ ଦ୍ୱାରା ବୁଧବାର ହୋଟେଲ ଶାନ୍ତିଲତାଠାରେ ରାଜମିସ୍ତ୍ରି ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଢେଙ୍କିକୋଟ୍ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ରାଜମିସ୍ତ୍ରୀ ଯୋଗଦେଇଥିବା ବେଳେ ରାଜମିସ୍ତ୍ରୀମାନଙ୍କୁ କେନ୍ଦୁଝରର ସୁପରଶକ୍ତି ଟିଏମ୍‌ଟି ବାର ରଡ୍ କମ୍ପାନୀର ଟେକ୍ନିକାଲ ଅଫିସର ସୌରଭ ପାତ୍ର ସେଲ୍ସ ଅଫିସର ସନ୍ତୋଷ ଓଝା ଉପସ୍ଥିତ ରହି ମିସ୍ତ୍ରୀମାନଙ୍କୁ ଛାତ ପକାଇବା ଏବଂ କୋଠା ନିର୍ମାଣ ପାଇଁ ଲୁହା ରଡ଼ର ମାନ ବିଷୟରେ ବୁଝାଇଥିଲେ। ମା’ ତାରିଣୀ ଟ୍ରେଡ଼ର୍ସ ସତ୍ତ୍ୱାଧିକାରୀ ରାଜକିଶୋର ସାହୁ ଓ ଦୁର୍ଗାଶଙ୍କର ସାହୁ ଉପସ୍ଥିତ ଥିଲେ।

## ବେକ କଟିଥିବା ଯୁବକଙ୍କୁ ଉଦ୍ଧାର କଲେ ଗ୍ରାମବାସୀ

ବାଲେଶ୍ୱର,(ମାନସ ବିଶ୍ୱାଳ): ସିନ୍ଧିଆ ପଞ୍ଚାୟତ ଅଧୀନ କେଶରପୁର ଗ୍ରାମରେ ବେକ କଟି ରାସ୍ତାରେ ପଡ଼ିଥିବା ଜଣେ ଯୁବକଙ୍କୁ ଗ୍ରାମବାସୀ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଉଦ୍ଧାର ବେଳେ ସେ ଅଚେତ ଥିଲେ। ପ୍ରଚୁର ନିଶାପାନ କରିଥିବା ଯୁବକଙ୍କ ବେକ କିପରି କଟିଲା କେହି କିଛି କହି ପାରୁନାହାନ୍ତି। ଗୁରୁତର ଯୁବକ ହେଲେ ଦୁର୍ଗାଚରଣ ଦାସ। ତାଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

# ବାଲେଶ୍ୱର

## ସଂକ୍ଷେପରେ

### ଭାଜପାରେ ମିଶିଲେ ୧୦୦ରୁ ଊର୍ଦ୍ଧ୍ୱ କର୍ମୀ

ନୀଳଗିରି, ୧।୨(ପ୍ରଶାନ୍ତ ବିଶ୍ୱାଳ)– ନୀଳଗିରି ନିର୍ବାଚନମଣ୍ଡଳୀର ତେଲିପାଳସ୍ଥିତ କଲ୍ୟାଣ ମଣ୍ଡପରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବିଧାୟକ ସୁକାନ୍ତ ନାୟକଙ୍କ ନେତୃତ୍ୱରେ ଅନୁପ୍ରାଣିତ ହେବା ସହ ଗୁରୁବାର ନୀଳଗିରି ନିର୍ବାଚନମଣ୍ଡଳୀର ଗରଡ଼ିହି ଓ ଛତ୍ରପୁର ପଞ୍ଚାୟତର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ କର୍ମୀ ଅନ୍ୟ ଦଳ ଛାଡି ଭାଜପାରେ ସାମିଲ ହୋଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ଭାଜପା ସୁଦୃଢ଼ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ନୀଳଗିରି ବିଧାୟକ ସୁକାନ୍ତ ନାୟକ। ଏହି ମିଶ୍ରଣ ପର୍ବରେ ବରିଷ୍ଠ ନେତା ଉପେନ୍ଦ୍ର ଦାସ, ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ଅଶୋକାଶିନୀ ନାୟକ, ରାଜେଶ ନାୟକ, ସୁକାନ୍ତ ବେହେରା, ପ୍ରତାପରୁଦ୍ର ସିଂ, ହରେକୃଷ୍ଣ ମାଝି ଉପସ୍ଥିତ ଥିଲେ।

### କୁମ୍ଭାରୀ ସଂସ୍କୃତ କଲେଜରେ 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ), ୧।୨

ବାଲିଆପାଳ ବ୍ଲକ କୁମ୍ଭାରୀସ୍ଥିତ ନଗେନ୍ଦ୍ର ନାଥ ସଂସ୍କୃତ କଲେଜରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ 'ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ' ଲୋକାର୍ପଣ ପରିପ୍ରେକ୍ଷୀରେ 'ନୂଆ ଓ' ଅଧୀନ ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ଅଧ୍ୟକ୍ଷ ମନୋରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନାବରା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଦୀପ କୁମାର ଜାଲି, ମୁଖ୍ୟବକ୍ତା ସିଆରସିସି ମନୋରଞ୍ଜନ ଜେନା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଖବରଦାତା ଗୋପନାରାୟଣ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ସେଠୀ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

ବାଲେଶ୍ୱର ଅଫିସ, ୧।୨(ମାନସ ବିଶ୍ୱାଳ)




ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ପ୍ରଯୋଜିତ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ଓ ଆନ୍ତର୍ଜାତିକ ଆଲୋଚନାଚକ୍ର' ଉଦ୍‌ଯାପିତ ହୋଇଯାଇଛି। ମାତୃଭାଷା ଓ ଏହାର ଭବିଷ୍ୟତ ନେଇ କାର୍ଯ୍ୟକ୍ରମ ଆୟୋଜନରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପଦକ୍ଷେପ ସର୍ବଦା ସ୍ୱତନ୍ତ୍ର। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସୁଦୃଢ଼ ନେତୃତ୍ୱରେ ଆୟୋଜିତ ଏହି ତିନିଦିନିଆ ସମ୍ମିଳନୀ ଓ ଆନ୍ତର୍ଜାତିକ ଆଲୋଚନାଚକ୍ରର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳସଚିବ କୁଙ୍କୁମୀନା ଦାସ, ସ୍ନାତକ ପରିଷଦ ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ଦେବାଶିଷ ପାତ୍ର ଓ ସହ ସଂଯୋଜକ ଡକ୍ଟର ଅସୀମ ଅମିତାଭ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଫକୀରମୋହନ ସାହିତ୍ୟ ପରିଷଦ, ରେମୁଣା ସାହିତ୍ୟ ସଂସଦ, ସ୍ୱର୍ଣ୍ଣବୃତ୍ତ ସାହିତ୍ୟ ପରିବାରର ସଦସ୍ୟଗଣ ଅଂଶଗ୍ରହଣ କରି ସ୍ୱରଚିତ ଗଳ୍ପ, କବିତା, ସଂକଳନ ଆଦି ପରିବେଷଣ କରିଥିଲେ। କୁଳପତି ତ୍ରିପାଠୀ ନିମନ୍ତ୍ରିତ ସମସ୍ତ କବି, ସାହିତ୍ୟିକ, ଗାଳ୍ପିକ ଓ ଲେଖକଙ୍କୁ ସମ୍ମାନିତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାନପତ୍ର ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଆୟୋଜିତ ଚିତ୍ରକଳା ପ୍ରଶିକ୍ଷଣ ଶିବିର ଓ ପ୍ରଦର୍ଶନୀ 'ଅସ୍ମିତା' ରେ ଅନେକ ସଂଖ୍ୟାରେ ଛାତ୍ରୀଛାତ୍ର ଯୋଗଦେଇ ଚିତ୍ରକଳା ଶିକ୍ଷାଲାଭ କରିଛନ୍ତି। ଦ୍ୱିତୀୟ ଦିନର ଆଲୋଚନାଚକ୍ରରେ 'ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ', 'କବିତା ପାଠୋତ୍ସବ ଓ କବିତା ପାଠ' ରହିଥିବା ବେଳେ ତୃତୀୟ ଦିନର ପ୍ରସଙ୍ଗ 'ଓଡ଼ିଆ ସଂସ୍କୃତି ଓ ପରମ୍ପରା' ଓ 'ଓଡ଼ିଆ ଗଳ୍ପ-ଆସର ଓ ଗଳ୍ପଚର୍ଚ୍ଚା' ଥିଲା। ଦ୍ୱିତୀୟ ଦିନରେ ଆଲୋଚକ ଭାବେ ପଦ୍ମଶ୍ରୀ ବୈଷ୍ଣବ ଚରଣ ମହାନ୍ତି, ପ୍ରଫେସର ମନୋରଞ୍ଜନ ପ୍ରଧାନ, ଡ଼କ୍ଟର ତମସାରାଣୀ ଦାସ ମହାପାତ୍ର, ଡ଼କ୍ଟର ଦେବାଶିଷ ମହାପାତ୍ର, ଡ଼କ୍ଟର ହରିଶ୍ଚନ୍ଦ୍ର ବେହେରା ଓ କବି ଶ୍ରୀଦେବ ପ୍ରମୁଖ ଯୋଗଦେଇଥିଲେ। ଶେଷଦିନରେ ଡ଼କ୍ଟର ଜୟନ୍ତୀ ରଥ , ଡ଼କ୍ଟର ଅରବିନ୍ଦ ଗିରି, ଡ଼କ୍ଟର ଲଲାଟେନ୍ଦୁ ଦାସ ମହାପାତ୍ର, ଡ଼କ୍ଟର ସୁରେଶ ଛୋଟରାୟ, ଡ଼କ୍ଟର କବିତା ବାରିକ ଓ ନିମନ୍ତ୍ରିତ ୬ ଜଣ ଗାଳ୍ପିକ ଗଳ୍ପପଠନ କରିଥିଲେ। ସାନ୍ଧ୍ୟକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମରେ 'ସ୍ରଷ୍ଟା' ଅନୁଷ୍ଠାନ ଦ୍ୱାରା ପ୍ରଯୋଜିତ ଓ ଶ୍ରୀ ହେମେନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ରଚିତ ଐତିହ୍ୟ ନାଟକ 'ମୁଁ ହାଟ ବାହୁଡ଼ା' ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଫେସର ଡ଼କ୍ଟର ଦେବାଶିଷ ପାତ୍ରଙ୍କ ତତ୍ତ୍ୱାବଧାନରେ ସହାୟକ ଅଧ୍ୟାପକ ଶଶାଙ୍କ ଶେଖର ଗଡନାୟକ, ସହାୟକ ଅଧ୍ୟାପିକା ଜିନା ପ୍ରିୟଙ୍କା ଜେଠୀ ଓ ଡ଼କ୍ଟର ଦେବସ୍ମିତା ବାରିକ କାର୍ଯ୍ୟକ୍ରମର ସଂଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହ ଶ୍ରୀଜଗନ୍ନାଥଧାମ ପୁରୀରୁ ଆସିଥିବା ଭୋଗ ତଥା ଏଥିସହ ପ୍ରସ୍ତୁତ ହୋଇ ବିକ୍ରୟ ପାରମ୍ପରିକ ମିଠା ଓ ପିଠାର ସମ୍ଭାର ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା।

## ୪୮୩ ନିର୍ମାଣ ଶ୍ରମିକଙ୍କୁ ୨ କୋଟି ୭୮ ଲକ୍ଷ ସହାୟତା

ଜଳେଶ୍ୱର, ୧।୨(ନବୀନ ସାହୁ/ରବିନାରାୟଣ ପାତ୍ର)

ଜଳେଶ୍ୱର ବ୍ଲକ ନୂଆବଜାରସ୍ଥିତ ମୁରଲୀ କଲ୍ୟାଣ ମଣ୍ଡପରେ ଗୁରୁବାର ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ୪୮୩ଜଣ ଶ୍ରମିକଙ୍କୁ ୨କୋଟି ୭୮ଲକ୍ଷ ୪୭ହଜାର ଟଙ୍କା ବଣ୍ଟନ ହୋଇଛି । ଏହି ଉପଲକ୍ଷେ ଏକ ବୈଠକ ହୋଇଥିଲା। ବାଲେଶ୍ୱର ସହକାରୀ ଶ୍ରମ ଅଧିକାରୀ ଦେବାଶିଷ ଜେନା ସଭାପତିତ୍ୱ କରି ଏପରି ସହାୟତାର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ ଯୋଗଦେଇଥିଲେ। ଜିଲା ପରିଷଦ ଉପସଭାପତି ଅନସୂୟା ପ୍ରଧାନ, ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଉପାଧ୍ୟକ୍ଷା ସଞ୍ଚିତା ସେନାପତି, ପୌର ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା ଅତିଥି ଭାବେ ଯୋଗଦେଇ ନିର୍ମାଣ ଶ୍ରମିକଙ୍କୁ ବୃତ୍ତିଗତ ସହାୟତା ଦିଆଯାଉଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯଶୋବନ୍ତ ଅମାତ ଓ ସ୍ମୃତିରେଖା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ତନ୍ମୟ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୋଖରୀରୁ ମହିଳାଙ୍କ ମୃତଦେହ ଜବତ

ସିମୁଳିଆ, ୧।୨(ସନ୍ତୋଷ କୁମାର ନାୟକ)

ସିମୁଳିଆ ବ୍ଲକ ବଙ୍ଗାଳପୁର ପଞ୍ଚାୟତ ପୋଖରୀକୁ ଗେଣ୍ଡା ସଂଗ୍ରହ କରିବା ପାଇଁ ଆସିଥିବା ରୁକ୍ମିଣୀ ମୁର୍ମୁ(୪୨) ନାମ୍ନୀ ମହିଳାଙ୍କ ମୃତଦେହ ଗୁରୁବାର ପୋଖରୀରୁ ଜବତ କରାଯାଇଛି । ତାଙ୍କ ଘର ମୟୂରଭଞ୍ଜ ଜିଲା ବୈଶିଙ୍ଗା ଅଞ୍ଚଳରେ। ପ୍ରତ୍ୟେକ ଦିନ ଶହ ଶହ ଗେଣ୍ଡା ସଂଗ୍ରହକାରୀ ମୟୂରଭଞ୍ଜରୁ ଟ୍ରେନ ଯୋଗେ ସିମୁଳିଆ ବ୍ଲକ ବିଭିନ୍ନ ସ୍ଥାନକୁ ଆସିଥାନ୍ତି ତେବେ ବୁଧବାର ବିଭିନ୍ନ ଆଦିବାସୀ ମହିଳା ପୁରୁଷ ଗେଣ୍ଡା ସଂଗ୍ରହ ପାଇଁ ଆସିଥିଲେ। ଅନ୍ୟମାନଙ୍କ ଅଜାଣତରେ ରୁକ୍ମିଣୀ ନିଖୋଜ ହୋଇଯାଇଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ତାଙ୍କ ସ୍ୱାମୀ ଗୁଲୁଚୁ ସିମୁଳିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଓ ଦମକଳ ବାହିନୀ ପହଞ୍ଚି ଖୋଜାଖୋଜି କରିବା ପରେ ପୋଖରୀରୁ ତାଙ୍କ ମୃତଦେହ ଜବତ କରାଯାଇଥିଲା।

## ସଂସ୍କୃତ ପଣ୍ଡିତଙ୍କୁ ସେବାନିବୃତ୍ତ ସମ୍ବର୍ଦ୍ଧନା



ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଇରା, ୧।୨(ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଳିପୁରସ୍ଥିତ ଶ୍ୟାମରାଇ ସଂସ୍କୃତ ମହାବିଦ୍ୟାଳୟର ପଣ୍ଡିତ ଗଣେଶ ପ୍ରସାଦ ପଣ୍ଡାଙ୍କ ଅବସର ପରିପ୍ରେକ୍ଷୀରେ ତାଙ୍କୁ ବୁଧବାର ବିଦ୍ୟାଳୟ ପରିସରରେ ସେବା ନିବୃତ୍ତ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ଭାସ୍କର ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଓଷ୍ଟାର ପୂର୍ବତନ ସମ୍ପାଦକ ଷଡାନନ ପାଣିଗ୍ରାହୀ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ମୁଖ୍ୟବକ୍ତା, ଓଷ୍ଟାର ପୂର୍ବତନ ସଭାପତି ଦୀନବନ୍ଧୁ ଦାଶ, ପୂର୍ବତନ ପଣ୍ଡିତ ସଙ୍କୀର୍ତ୍ତନ ପଣ୍ଡା, ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀଧର ପଣ୍ଡା,ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ପ୍ରସାଦ ରାଉତ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ଉମାକାନ୍ତ ନାୟକ ଅତିଥି ପରିଚୟ ଓ ଶିକ୍ଷକ ନିରଞ୍ଜନ ସାମଲ ମଞ୍ଚ ଆହ୍ୱାନ କରିଥିଲେ। ପରେ ସହପାଠୀ ଶିକ୍ଷକ, ଅଧ୍ୟାପକ ଏବଂ ଛାତ୍ରୀଛାତ୍ରଙ୍କ ତରଫରୁ ଉପଢୌକନ ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା।

### 'ମହୋତ୍ସବ ଭାଇଚାରାର ପ୍ରତୀକ'

ଊପଦା, ୧।୨(ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଊପଦା ହାଇସ୍କୁଲ ପଡ଼ିଆରେ ଉଦ୍‌ଘାଟିତ ହୋଇଛି ଷଷ୍ଠ ଊପଦା ଆଞ୍ଚଳିକ ମହୋତ୍ସବ। ଊପଦା ଆଞ୍ଚଳିକ ମହୋତ୍ସବ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ପ୍ରଥମ ସନ୍ଧ୍ୟାରେ ମହୋତ୍ସବ କମିଟି ସଭାପତି ଅଶୋକ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ଆଦିକନ୍ଦ ବେହେରା, ମୁଖ୍ୟବକ୍ତା ଭାବେ ଅର୍ଥନୀତି ବିଭାଗ ପ୍ରଫେସର ରାମଚନ୍ଦ୍ର ଭୂୟାଁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ମୁନୀ ସିଂ, ଊପଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡା. ଚନ୍ଦନ କୁମାର ମହାକୁଡ଼, ଊପଦା ଅଗ୍ନିଶମ ବିଭାଗର କେନ୍ଦ୍ରାଧିକାରୀ ରବିନ ସରେନ୍, ଊପଦା ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସ ପ୍ରମୁଖ ଯୋଗଦେଇ ମହୋତ୍ସବ ଭାଇଚାରାର ପ୍ରତୀକ ବୋଲି କହିଥିଲେ। କମିଟି ଉପଦେଷ୍ଟା ନିରଞ୍ଜନ ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷା ହିଁ ସଂସ୍କାର, ସମର୍ପଣର ପରିଭାଷା

ରୂପସା, ୧।୨(ବାଞ୍ଛାନିଧି ଦେ)

**ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ**

ବାଲେଶ୍ୱର ଜିଲା ସିଂଲାସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୦ତମ ବାର୍ଷିକ ଉତ୍ସବ ଦୁଇ ଦିନ ଧରି ପାଳିତ ହୋଇଯାଇଛି। ଶିକ୍ଷାବିତ୍ ପ୍ରଶାନ୍ତ କୁମାର ମିଶ୍ର ଓ ସୁଶାନ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଛାତ୍ରୀଛାତ୍ର ପ୍ରଥମେ ପିତୃମାତୃ ପୂଜନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ବିଦ୍ୟାଳୟ ସ୍ଥାୟୀ ସଭାପତି ମନୋରଞ୍ଜନ ଗିରିଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ଜୟନ୍ତ କୁମାର ମିଶ୍ର ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଅନୁଷ୍ଠାନ ସହ ସମ୍ପାଦକ ନିରଞ୍ଜନ ବେହେରାଙ୍କ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଜାମଶୂଳୀ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ପ୍ରାକ୍ତନ ଶିକ୍ଷକ ରମେଶ ଚନ୍ଦ୍ର ନାୟକ ଯୋଗଦେଇ ଶିକ୍ଷା ହିଁ ସଂସ୍କାର ଓ ସମର୍ପଣର ପରିଭାଷା ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ପ୍ରାକ୍ତନ ଶିକ୍ଷାବିତ୍ ନିତ୍ୟାନନ୍ଦ ପ୍ରଧାନ, ଯତୀନ୍ଦ୍ର ନାଥ ମହାନ୍ତି ଓ ରଜନୀକାନ୍ତ ଘଡ଼ାଇ ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପୂର୍ବକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାନ୍ଧ୍ୟ ଅଧିବେଶନରେ ନିବେଦିତା ମହାପାତ୍ର ନୃତ୍ୟ ନିର୍ଦ୍ଦେଶନା ଦେବା ସହ ଶିବାନନ୍ଦ ଦାସ ଅଧିକାରୀଙ୍କ ମଞ୍ଚ ସଂଯୋଜନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଧୁମ୍ ମିଠା ମିଠା କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଅଧିବେଶନକୁ ଶ୍ରୀଜଗନ୍ନାଥ ବତିଶ ବେଶ କମିଟିର ସମ୍ପାଦକ କମଳାକାନ୍ତ ଅଣ୍ଡିଆ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରଶାନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଭଦ୍ରକ

### ବନ୍ତ ଥାନାଧିକାରୀଙ୍କ ବଦଳି ବାତିଲ

ଭଦ୍ରକ,୧।୨(ସନାତନ ରାଉତ)

ନିର୍ବାଚନ କମିଶନରଙ୍କ ଚିଠି ଅନୁସାରେ ଭଦ୍ରକ ଜିଲା ପୋଲିସରେ କରାଯାଇଥିବା ଅଦଳ ବଦଳ ନେଇ ମୁଖ୍ୟ କାର୍ଯ୍ୟାଳୟରୁ ଗତ ୨୯ ତାରିଖରେ ପ୍ରକାଶ ପାଇଥିବା ତାଲିକାରେ ବୁଧବାର ସଂଶୋଧନ କରାଯାଇଛି। ବନ୍ତ ଥାନାଧିକାରୀ ଶ୍ରୀବଲ୍ଲଭ ସାହୁଙ୍କର ତିହିଡ଼ି ଥାନାକୁ ବଦଳି ହୋଇଥିବା ନେଇ ଚିଠି ନଂ. ୧୩୦ରେ ଗତ ୨୯ ତାରିଖରେ ପ୍ରକାଶ ପାଇଥିଲା। ବୁଧବାର ଏହି ବଦଳିକୁ ବାତିଲ କରାଯାଇଥିବା ମୁଖ୍ୟାଳୟରୁ ପ୍ରକାଶ ପାଇଥିବା ଜଣାପଡ଼ିଛି। ଜିଲା ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର ପ୍ରସନ୍ନ କୁମାର ନାୟକଙ୍କୁ ତିହିଡ଼ି ଥାନାକୁ ବଦଳି କରାଯାଇଥିବା ବେଳେ ଏସ୍ଆଇ ଶ୍ରୀକାନ୍ତ ପତିଙ୍କୁ ପୀରହାଟ ଥାନାରୁ ଭଦ୍ରକ ଟାଉନ ଥାନାକୁ ବଦଳି କରାଯାଇଛି। ତେବେ ବନ୍ତ ଥାନାଧିକାରୀଙ୍କ ବଦଳି ବାତିଲ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେଉଁ ପରିପ୍ରେକ୍ଷୀରେ ଓ କାହା ଚାପରେ ବଦଳି ବାତିଲ କରାଗଲା ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ବନ୍ତ ଥାନାଧିକାରୀ ସାହୁଙ୍କ ବିରୋଧରେ ପୂର୍ବରୁ ଏସ୍ପିଙ୍କ ନିକଟରେ ଖବରଦାତାଙ୍କୁ ଦୁର୍ବ୍ୟବହାର ନେଇ ଅଭିଯୋଗ ସହ ଏକାଧିକ ଅଭିଯୋଗ ରହିଛି। ତାଙ୍କ ବଦଳି ବାତିଲକୁ ଜନସାଧାରଣ ସହଜରେ ଗ୍ରହଣ କରିପାରୁନାହାନ୍ତି।

### ନଦୀବନ୍ଧ ତଳକୁ ଖସି ସ୍କୁଟି ଚାଳକ ମୃତ

ଭଣ୍ଡାରିପୋଖରୀ,(ରବିନାରାୟଣ ଖିଲାର)/ ହାଟଡିହୀ(ଶୁଭକାନ୍ତ ନାୟକ),୧।୨

ଭଣ୍ଡାରିପୋଖରୀ ବ୍ଲକ ବନସ୍ତା ବୈତରଣୀ ନଦୀବନ୍ଧରେ ଏକ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନନ୍ଦୀପଦା ଥାନା ଅଧୀନ ମନୋହରପୁର ଗ୍ରାମର ମନୋରଞ୍ଜନ ଜେନା। ସେ ଗୁରୁବାର ଭୋର ସମୟରେ ସ୍କୁଟିରେ ଆଖୁଆପଦା ଅଭିମୁଖେ ଆସୁଥିଲେ। କୌଣସି କାରଣ ବଶତଃ ସ୍କୁଟିଟି ନଦୀବନ୍ଧ ତଳକୁ ଖସି ଯାଇଥିଲା। ଗୁରୁତର ଅବସ୍ଥାରେ ମନୋରଞ୍ଜନଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## 'ଜୀବନ ଓ ଆଶାର ସେତୁ ଦିବ୍ୟସିଂହଙ୍କ କବିତା'

ତିହିଡ଼ି,୧।୨(ସଞ୍ଜିତ ବଳ)




କବି ଯାଯାବରଙ୍କୁ ସମ୍ବର୍ଦ୍ଧନା କରାଯାଉଛି।

ଜୀବନକୁ ଠିକ୍ ଭାବେ ପଢ଼ିବା ସମ୍ଭବ ହୁଏନାହିଁ। ସେଥିପାଇଁ ଅନେକଙ୍କୁ ନିରାଶା ଭିତରେ ଗତି କରିବାକୁ ପଡ଼ିଥାଏ। ଏପରିସ୍ଥଳେ ଦିବ୍ୟସିଂହଙ୍କ କବିତା ଜୀବନ ଓ ଆଶାର ସେତୁ ଥିଲା ବୋଲି କବି ସ୍ୱର୍ଗତ ଦିବ୍ୟସିଂହ ଦାସ ଅଧିକାରୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ତିହିଡ଼ିସ୍ଥିତ ବ୍ରିଗେଡ୍ ସ୍କୁଲରେ ଗ୍ରନ୍ଥକାର ଡ.ବିଶ୍ୱରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କବି ଡ. ଅବନୀ ପ୍ରଧାନ, ମୁଖ୍ୟବକ୍ତା ଡ. ଅଭୟ କୁମାର ଦାସ, ବରେଣ୍ୟ ଅତିଥି ଭାବେ କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ ଓ ଶ୍ରୀକାନ୍ତ ମହାଳିକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କବି ଯାଯାବର (ହିମାଂଶୁ ପଣ୍ଡା)ଙ୍କୁ ଦିବ୍ୟସିଂହ ଦାସ ଅଧିକାରୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ବିସ୍ମୟ ବିହାରୀ ସାହୁ ମାନପତ୍ର ପାଠ କରିଥିଲେ। କବି ନିରଞ୍ଜନ ବାରିକ ମଞ୍ଚ ଆହ୍ୱାନ କରିଥିବା ବେଳେ ଖବରଦାତା ପ୍ରଭାତ କୁମାର ରାଉଳ ସ୍ୱାଗତ ଭାଷଣ ଓ କଥାକାର କୈଳାସ ବେହେରା ଅତିଥି ପରିଚୟ ଦେଇଥିଲେ। କବି ଦିବ୍ୟସିଂହ ଦାସ ଅଧିକାରୀ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଉତ୍ସବରେ କବି ମାନସ ପଣ୍ଡା, ଦେବେନ୍ଦ୍ର ମହାଳିକ, ରୁଚିଲତା ଦାସ, ମୁକୁନ୍ଦଦେବ ନାୟକ ପ୍ରମୁଖ କବି ଅଧିକାରୀଙ୍କ କବିତା ପାଠ କରିଥିଲେ। କବି ନୀଳମାଧବ ସେନାପତି, କଳ୍ପତରୁ ସେଠୀ, ବିପ୍ଳବ ହୋତା, ଗୟାଧର ସେଠୀ, ବିପ୍ଳବ ରଞ୍ଜନ ପତି, କୃପାସିନ୍ଧୁ ମହାନ୍ତି, ବିଶ୍ୱମୈତ୍ରୀ ନାୟକ, ମନୋଜ ପାଣିଗ୍ରାହୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଆବାହକ ଶବ୍ଦରଞ୍ଜନ ଦାସ ଅଧିକାରୀ ଧନ୍ୟବାଦ ଦେଇଥିଲେ।

### ବଣରୁ ନରକଙ୍କାଳ ଜବତ

ଭଦ୍ରକ,୧।୨ (ସନାତନ ରାଉତ)

ଭଦ୍ରକ-ଚାନ୍ଦବାଲି ରାସ୍ତାର ଆର୍‌ଏମ୍‌ସି ମାର୍କେଟ କମ୍ପ୍ଲେକ୍ସ ନିକଟ ରାସ୍ତାପାର୍ଶ୍ୱ ବଣରୁ ଗୁରୁବାର ଏକ ନରକଙ୍କାଳ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ସକାଳେ କେତେଜଣ ଲୋକ ବଣକୁ ସଫା କରୁଥିବା ବେଳେ ଗୋଟିଏ ଗଛ ମୂଳେ ମଣିଷ କଙ୍କାଳ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୁରୁଣାବଜାର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଡକାଇ ତଦନ୍ତ କରିଛି। ମଣିଷ କଙ୍କାଳ ସହ ସେଠାରୁ ଗୋଟିଏ ବ୍ୟାଗ, ପ୍ୟାଣ୍ଟ, ଶାର୍ଟ ଓ ଚପଲ ମିଳିଛି। ନିକଟ ଗଛରେ ଏକ ଦଉଡ଼ି ଝୁଲୁଥିବା ଦେଖିବାକୁ ମିଳିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୪) ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି ବୋଲି ପୁରୁଣାବଜାର ଥାନାଧିକାରୀ ନିରୋଜ ସାମଲ କହିଛନ୍ତି।

## କଏଦୀଙ୍କୁ ଦିଆଗଲା ଧନ୍ଦାମୂଳକ ଶିକ୍ଷା

ଭଦ୍ରକ,୧।୨(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲା କାରାଗାରରେ କଏଦୀମାନଙ୍କୁ ଗୁରୁବାର ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯାଇଛି। ହସ୍ତଶିଳ୍ପ ବିକାଶ ଅଧିକାରୀ ମହେନ୍ଦ୍ର ନାଥ ଟୁଡୁ, ଜଉ କଣ୍ଢେଇ ଶିଳ୍ପୀ ଆନନ୍ଦ ଚନ୍ଦ୍ର ନାୟକ, ବାଉଁଶ କାରିଗର ତପଜ୍ୟୋତ୍ସ୍ନା ଗିରି ଓ ମଣୀବାଳା ଘଡ଼େଇ କଏଦୀମାନଙ୍କୁ ବାଉଁଶରେ ତିଆରି କଲମ ଷ୍ଟାଣ୍ଡ, ଫୁଲଦାନୀ ଆଦି ତିଆରି କରିବାର କୌଶଳ ଶିଖାଇଥିଲେ। ଆତ୍ମନିର୍ଭରଶୀଳ ହୋଇ ନିଜ ଭବିଷ୍ୟତ ଗଢ଼ିବା ସହ ଜଣେ ଉଚ୍ଚକୋଟୀର ଶିଳ୍ପୀ ହେବାକୁ ସଂକଳ୍ପ ନେବା ପାଇଁ ଅଧିକାରୀମାନେ କଏଦୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କାରାଗାରର ମୁଖ୍ୟ ପରିଚାଳକ ରଘିନାଥ ନାୟକ, ସହକାରୀ ପରିଚାଳକ ଅଞ୍ଜନ କୁମାର ପଣ୍ଡା, ପ୍ରସନ୍ନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବଦଳିଲେ ୫ ପୋଲିସ କର୍ମଚାରୀ

ବାସୁଦେବପୁର,୧।୨ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅଧୀନ ୩ଟି ଥାନାର ୫ ପୋଲିସ କର୍ମଚାରୀଙ୍କ ବଦଳି ହୋଇଛି। ଚୁଡ଼ାମଣି ସାମୁଦ୍ରିକ ଥାନାର ଆଇଆଇସି ଅଜୟ କୁମାର ମୁର୍ମୁ, ବାସୁଦେବପୁର ଥାନା ସବ୍‌ଇନ୍ସପେକ୍ଟର ଦୀପ୍ତିମଞ୍ଜରୀ ବଡ଼ଜେନା, ସବ୍‌ଇନ୍ସପେକ୍ଟର ସୂର୍ଯ୍ୟକାନ୍ତ ମହାନ୍ତି, ଏଏସ୍ଆଇ ନେପାଳ ଶାହାଙ୍କ ସମେତ ନାୟକାଣିଡିହୀ ଥାନା ଏଏସ୍ଆଇ ପ୍ରଭାସିନୀ ମହାପାତ୍ରଙ୍କ ଅନ୍ୟତ୍ର ବଦଳି ହୋଇଛି।

## ଭଗବାନପୁର ହାଇସ୍କୁଲର ବାର୍ଷିକୋତ୍ସବ



ଭଗବାନପୁର ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

ଧାମନଗର,୧।୨(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକର ଭଗବାନପୁର ପଞ୍ଚାୟତ ଅଧୀନ ପଳିକିରି ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅରୁଣ କୁମାର ଜେନା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା, ମୁଖ୍ୟବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରାଧ୍ୟାପକ ଡ. ପାରେଶ୍ୱର ସାହୁ, ସରପଞ୍ଚ କାଞ୍ଚନ ସ୍ୱାଇଁ ଏବଂ ଅନ୍ୟତମ ଅତିଥି ଭାବେ ପ୍ରଧାନଶିକ୍ଷକ ରମେଶ କୁମାର ସେଠୀ, ଭଗବାନ ପ୍ରଧାନ, ପୁରାତନ ଛାତ୍ରସଂସଦ ସଭାପତି ତ୍ରିଲୋଚନ ନାୟକ, ଲକ୍ଷ୍ମୀଧର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଊର୍ମିଳା ଦାଶ, ମଞ୍ଜୁଲତା ସାମଲ, ବିମଳ କୁମାର ସାହୁ ଓ ପ୍ରଦୀପ କୁମାର ମହାପାତ୍ର ସହଯୋଗ କରିଥିଲେ। ଶିକ୍ଷକ ଅଶୋକ କୁମାର ନାୟକ ସଭା ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଇତିଶ୍ରୀ ବୋଇତାଇ, ବନ୍ଦିତା ସାହୁ, ଗୁଞ୍ଜରି ରଣା ପ୍ରମୁଖ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ସୁଲୋଚନା ପାଲ ଧନ୍ୟବାଦ ଦେଇଥିଲେ।

### ଜନ୍ମଭୂମିର ଟେକ ରଖିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

ବନ୍ତ,୧।୨(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକର ଏରେଣ୍ଡେଇ ଗୋବିନ୍ଦପୁରସ୍ଥିତ ଗଣେଶ ପ୍ରସାଦ ପୁରୁଷୋତ୍ତମ ସେଠୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ୧୦ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଊର୍ମିଳା ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ପୂର୍ବତନ ରାଜ୍ୟ ଓଷ୍ଟା ସମ୍ପାଦକ ରଘୁନାଥ ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ସୋସୋ ମହାବିଦ୍ୟାଳୟର ଅଧ୍ୟାପକ ଫକୀର ଚରଣ ଶଙ୍ଖୁଆ, ମୁଖ୍ୟବକ୍ତା ସାହିତ୍ୟିକ ସତ୍ୟପ୍ରକାଶ ସେଠୀ, ବିଶିଷ୍ଟ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗନ୍ନାଥ ପାତ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଧର୍ମେନ୍ଦ୍ର ନାରାୟଣ ଜେନା, ଡାକ୍ତର ପ୍ରଶାନ୍ତ ଖଟୁଆ, ଆଲୁମିନି କମିଟି ସଭାପତି ଭବେନ୍ଦ୍ର ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ ଜେନା ଯୋଗ ଦେଇଥିଲେ। ପାଠ ପଢ଼ି ଭଲ ମଣିଷ ହେବା ସହ ଜନ୍ମଭୂମିର ଟେକ ରଖିବା ପାଇଁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଚନ୍ଦନା ମାଝୀ, ଜୟନ୍ତୀଲତା ଦାସ, ଶିକ୍ଷକ ରବୀନ୍ଦ୍ର ବସନ୍ତିଆ, ହରେକୃଷ୍ଣ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## 'ସାହିତ୍ୟ ବିନା ଓଡ଼ିଆ ଜାତିର ଉନ୍ନତି ସମ୍ଭବ ନୁହେଁ'




ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟ ଅତିଥି।

ଆଗରପଡ଼ା,୧।୨(ସୁଶାନ୍ତ ଦାଶ)

ଭଦ୍ରକ ଜିଲା ଆଗରପଡ଼ା ମହାବିଦ୍ୟାଳୟ ପରିସରରେ ନୂଆ-ଓ, ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କଲେଜ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ଦାଶ ସଭାପତିତ୍ୱ କରିଥିଲେ। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟ ବିନା ଆମ ଓଡ଼ିଆ ଜାତିର ଉନ୍ନତି ସମ୍ଭବ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ସାମାଜିକ କର୍ମୀ ସତ୍ୟସାଧନ ବେଜ, ଏମ୍‌ପିଙ୍କ ପ୍ରତିନିଧି ଶ୍ରୀନାଥ ମହାନ୍ତି, ଜିଲା ପରିଷଦ ସଭ୍ୟା ରୁନିତା ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଓ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ପ୍ରେମଲତା ଦାଶ ମଞ୍ଚ ଆହ୍ୱାନ କରିଥିଲେ। ଅଧ୍ୟାପିକା ଅଧ୍ୟାପକ ଡ. ହରିହର ଦାଶ, ପ୍ରଶାନ୍ତ କୁମାର ନାୟକ, ଅଧ୍ୟାପିକା ସାବିତ୍ରୀ ମଞ୍ଜରୀ ଦାସ, ସ୍ୱୟଂସିଦ୍ଧା ମିଶ୍ର, ରାଜେନ୍ଦ୍ର ପାଣିଗ୍ରାହୀ, ରଶ୍ମିତା ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

